# NATIONAL NEWS BULLETIN (ODIA)

**27 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ଅର୍ଥନୀତିକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ଆଜି ନୂଆଦିଲ୍ଲୀରେ ସ୍ୱାକ୍ଷରିତ ହେବ ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା

- ପଶ୍ଚିମବଙ୍ଗରେ ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଆଜି ଶେଷ ହେବ ପ୍ରଚାର କାର୍ଯ୍ୟ

- ୫ଦିନିଆ ହିମାଚଳ ପ୍ରଦେଶ ଗସ୍ତରେ ଯାଇ ଆଜି ସିମ୍‌ଲାରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ

–ଜୁଲାଇ ମାସ ୩୧ ତାରିଖ ସୁଦ୍ଧା ଆବେଦନ କରିପାରିବେ ୫ରୁ ୧୮ ବର୍ଷ ବୟସର କିଶୋର କିଶୋରୀ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଅନୁଷ୍ଠିତ ହେବ ଦିଲ୍ଲୀ କ୍ୟାପିଟାଲସ୍ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍

# ଇଣ୍ଡିଆ-ନିଉଜିଲ୍ୟାଣ୍ଡ ଏଫ୍‌ଟିଏ

ଭାରତ ଏବଂ ନିଉଜିଲ୍ୟାଣ୍ଡ ମଧ୍ୟରେ ଆର୍ଥିକ ସଂପର୍କ ସୁଦୃଢ଼ କରିବା ସମେତ ଆସନ୍ତା ୫ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ ଦୁଇଗୁଣ ବୃଦ୍ଧି କରିବା ଲକ୍ଷ୍ୟରେ ଆଜି ଅପରାହ୍ନରେ ନୂଆଦିଲ୍ଲୀରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବ । କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଏବଂ ନିଉଜିଲ୍ୟାଣ୍ଡର ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟଡ୍ ମ୍ୟାକ୍ କ୍ଲେ ଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର କରାଯିବ । ଗତବର୍ଷ ଡିସେମ୍ବରରେ ଉଭୟ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପ୍ରସ୍ତାବ ଚୂଡ଼ାନ୍ତ ହୋଇଥିଲା ।

ଭାରତ-ନିଉଜିଲ୍ୟାଣ୍ଡ ବ୍ୟବସାୟିକ ଫୋରମ୍‌କୁ ଉଦ୍‌ବୋଧନ ଦେଇ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ଅର୍ଥନୀତିକୁ ଦୁଇଗୁଣ କରିବା ନେଇ ଲକ୍ଷ୍ୟ ସ୍ଥିର ହୋଇସାରିଛି । ସେ କହିଛନ୍ତି, ଏହି ଚୁକ୍ତିନାମା ଚମଡ଼ା, ବୟନଶିଳ୍ପ, ବାଣିଜ୍ୟ, ଗବେଷଣା ଓ ବିକାଶ, ଶିକ୍ଷା, ନବସୃଜନ ସମେତ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି କରିବ। ବିଶ୍ୱ ଭୂ-ରାଜନୀତିରେ ଭାରତ-ନିଉଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତି ଭାରତର ବୃଦ୍ଧି ପାଉଥିବା ରଣନୈତିକ ଗୁରୁତ୍ୱକୁ ଚିହ୍ନିତ କରୁଛି । ଆଗାମୀ ଦିନରେ ଏହି ଚୁକ୍ତିନାମା ଆଧୁନିକ କୃଷି ଉତ୍ପାଦନକୁ ଗତିଶୀଳ କରିବା ସହ ଭାରତୀୟ ବ୍ୟବସାୟୀକ ଦୃଶ୍ୟପଟରେ ବଡ଼ ପରିବର୍ତ୍ତନ କରିବ ବୋଲି ସେ କହିଛନ୍ତି।

# ପିଏମ୍ ର୍ୟାଲି

ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ନିମନ୍ତେ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଆସନ୍ତା

୨୯ ତାରିଖ ଦିନ ବଳକା ୧୪୨ଟି ଆସନରେ ମତଦାନ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟ ରେକର୍ଡ ସଂଖ୍ୟକ ୯୩ଦଶମିକ ୧/୯ ପ୍ରତିଶତ ମତଦାନ ହୋଇଥିଲା ।

ଆଜି ପ୍ରମୁଖ ରାଜିନତିକ ଦଳଗୁଡ଼ିକ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରମାନଙ୍କୁ ଆକର୍ଷିତ କରିବା ଲାଗି ର୍‍ୟାଲି, ରୋଡ୍‌ଶୋ’ ଏବଂ ସାଧାରଣ ସଭାମାନ କରାଯାଉଛି । ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗର ଜିଲେପି ମଠଠାରେ ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇ ୧୮୫୭ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ  ବାରାକପୁରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସର୍ପକରେ ଅବତାରଣା କରିଥିଲେ ।  ସେ କହିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମକୁ ସୁଦୃଢ଼ କରିବା ପାଇଁ ପରିବର୍ତ୍ତନର ଆବଶ୍ୟକତା ନେଇ ସେ ସମୟରେ ଯେଉଁ ଡାକରା ଦିଆଯାଇଥିଲା, ଆଜି ସେଭଳି ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ ଉତ୍ତର-ପୂର୍ବାଞ୍ଚଳରେ ଘଟିଥିବା ବିକାଶର ଯାତ୍ରାକୁ ସାରା ଦେଶ ଅବଲୋକନ କରୁଥିବା କହିଛନ୍ତି । **V/O**

ଆଗାମୀ ଦିନରେ ପଶ୍ଚିମବଙ୍ଗରେ ଐତିହାସକ ପରିବର୍ତ୍ତନ ଘଟିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ବିଭିନ୍ନ ସ୍ଥାନରେ ନିର୍ବାଚନୀସଭାମାନ ଆୟୋଜନ କରୁଛନ୍ତି । ଦଳୀୟ ପ୍ରାର୍ଥୀଙ୍କ ପାଇଁ ଯାଦବପୁରର ସୁକାନ୍ତ ସେତୁରୁ ଆରମ୍ଭ କରି ଟଲିଗଞ୍ଜ ପର୍ଯ୍ୟନ୍ତ ରୋଡ୍‌ଶୋ ଏବଂ ର୍‍ୟାଲିମାନ ଆୟୋଜନ

କରାଯାଇଛି । ଦଳର ସର୍ବଭାରତୀୟ ମହାସଚିବ ଅଶୋକ ବାନାର୍ଜୀ ମଧ୍ୟ ହୁଗୁଳି, ଆରାମବାଗ, ରାଣାଘାଟ ସମେତ ଅନ୍ୟାନ୍ୟ ବିଧାନସଭା ଅଞ୍ଚଳର ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରୁଛନ୍ତି ।

## ପିଏମ୍-ସିକିମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦୁଇ ଦିନିଆ ସିକିମ ଗସ୍ତରେ ଯାଇ ଗ୍ୟାଙ୍ଗଟକ୍‌ରେ ପହଞ୍ଚିବେ। ଶ୍ରୀ ମୋଦି ସିକିମର ୫୦ ବର୍ଷର ରାଜ୍ୟ ପ୍ରତିଷ୍ଠାର ସମାପନୀ ଉତ୍ସବରେ ଯୋଗଦେବେ। ଶ୍ରୀ ମୋଦୀଙ୍କ ଗସ୍ତ ସମୟରେ ୪ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରାଯିବ।

ପ୍ରଧାନମନ୍ତ୍ରୀ ଆଜି ଅପରାହ୍ନରେ ସେଠାରେ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବେ। ପରେ, ସେ ବିଜେପି କର୍ମୀଙ୍କ ସହ ଆଲୋଚନା କରିବେ।

ଆସନ୍ତାକାଲି ଗସ୍ତର ଦ୍ୱିତୀୟ ଦିନରେ ଶ୍ରୀ ମୋଦି ପାଲଜୋର ଷ୍ଟାଡିୟମରେ ସିକିମର ୫୦ତମ ରାଜ୍ୟ ପ୍ରତିଷ୍ଠା ଉତ୍ସବର ସମାପନୀ ଉତ୍ସବରେ ଅଂଶଗ୍ରହଣ କରିବେ। ସେଠାରେ ୪ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଉଦଘାଟନ, ଶୁଭାରମ୍ଭ ଏବଂ ଶିଳାନ୍ୟାସ କରିବେ। ବିକାଶ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭିତ୍ତିଭୂମି, ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଶକ୍ତି, ସହରାଞ୍ଚଳ ବିକାଶ, ପରିବେଶ, ପର୍ଯ୍ୟଟନ ଏବଂ କୃଷି କ୍ଷେତ୍ର ରହିଛି।

ସିକିମ ସରକାର ପ୍ରାୟ ୧ ହଜାର ୫୦୦ କଳାକାରଙ୍କୁ ନେଇ ଏକତାର ୧୦୦୦ ପଦକ୍ଷେପ ଶୀର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିବେ। ଶ୍ରୀ ମୋଦି ପାଲଜୋର ଷ୍ଟାଡିୟମରେ ସମାବେଶକୁ ମଧ୍ୟ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସିକିମର ରାଜ୍ୟ ମାନ୍ୟତାର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ସିକିମର ଦ୍ରୁତ ଓ ନିରନ୍ତର ବିକାଶ ପ୍ରତି ମୋଦି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା କୁହାଯାଇଛି।

## ଏଚ୍‌ପି-ପ୍ରେଜ୍ ଭିଜିଟ୍

ପାଞ୍ଚଦିନିଆ ହିମାଚଳପ୍ରଦେଶ ଗସ୍ତରେ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସିମ୍‌ଲାରେ ପହଞ୍ଚିଛନ୍ତି । ହିମାଚଳ ପ୍ରଦେଶ ରାଜ୍ୟପାଳ କବିନ୍ଦର ଗୁପ୍ତା, ମୁଖ୍ୟମନ୍ତ୍ରୀ ସୁଖ୍‌ବୀନ୍ଦର ସିଂ ସୁଖୁ, ବାଚସ୍ପତି କୁଲଦୀପ ସିଂ ପଠାନିଆ, ପଞ୍ଚାୟତିରାଜ ମନ୍ତ୍ରୀ ଅନିରୁଦ୍ଧ ସିଂ, ସାଂସଦ ସୁରେଶ କୁମାର କଶ୍ୟପ ଓ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ରାଷ୍ଟ୍ରପତିଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଛନ୍ତି । ଆସନ୍ତାକାଲି ଶ୍ରୀମତୀ ମୁର୍ମୁ ସିମ୍‌ଲାସ୍ଥିତ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଲୋକଭବନରେ ଏକ ଭୋଜିରେ ଯୋଗଦେବେ ।

ଆସନ୍ତାକାଲି ରାଷ୍ଟ୍ରପତି ଅଟଳ ଟନେଲ୍ ପରିଦର୍ଶନ କରି ସୀମାନ୍ତ ସଡ଼କ ସଂଗଠନର ଅଧିକାରୀମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବୁଧବାର ଏପ୍ରିଲ୍ ୨୯ ତାରିଖରେ ରାଷ୍ଟ୍ରପତି ପାଲମପୁରସ୍ଥିତ ଚୌଧୁରୀ ସରଓ୍ୱନ କୁମାର ହିମାଚଳ ପ୍ରଦେଶ କୃଷି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ସେହିଦିନ ରାଷ୍ଟ୍ରପତି ସିମ୍‌ଲାରେ ଆୟୋଜିତ ହେଉଥିବା

ଅନ୍ୟ ଏକ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହେବେ । ମଇମାସ ୧ ତାରିଖ ଦିନ ହିମାଚଳ ପ୍ରଦେଶ ଗସ୍ତର ଶେଷ ଦିନରେ ରାଷ୍ଟ୍ରପତି ସିମ୍ଲାରେ ଥିବା ସେନା ତାଲିମ କମାଣ୍ଡ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ୧ ହଜାରରୁ ଅଧିକ ସୁରକ୍ଷାବଳ ମୁତୟନ କରାଯାଇଥିବା ଜଣାପଡ଼ିଛି ।

## ରାଜନାଥ-ଏସ୍‌ସିଓ ମିଟିଂ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତାକାଲି କିର୍ଗିଜିସ୍ତାନର ବିସ୍‌କେକ୍ ଠାରେ ପ୍ରତିରକ୍ଷାମନ୍ତ୍ରୀମାନଙ୍କ ସମ୍ମିଳନୀ ସାଂଘାଇ ସହଯୋଗ ବୈଠକରେ ଭାଗ ନେବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂ କହିଛନ୍ତି, ଅସ୍ଥିର ପରିବେଶ ମଧ୍ୟରେ  ବିଶ୍ୱଶାନ୍ତି ଲାଗି ଭାରତ ଏହି ବୈଠକରେ ନିଜ ପକ୍ଷ ଉପସ୍ଥାପନ କରିବ । ଭାରତ ଆତଙ୍କବାଦ ଏବଂ ଉଗ୍ରବାଦ ପ୍ରତି ଥିବା ଶୂନ୍ୟ ସହନଶୀଳତା ନୀତି ଉପରେ ମଧ୍ୟ ଏହି ସମ୍ମିଳନୀରେ ପ୍ରାଧାନ୍ୟ ଦେବ । ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ସାଂଘାଇ ସହଯୋଗ ସଂଗଠନର ସଦସ୍ୟ ଦେଶମାନଙ୍କ ସହିତ ଫଳପ୍ରଦ ଆଲୋଚନା ହେବା ନେଇ ସେ ଆଶା ପୋଷଣ କରୁଛନ୍ତି । ଆଜି ସେହି ବୈଠକରେ ଯୋଗଦେବା ଲାଗି ପ୍ରତିରକ୍ଷାମନ୍ତ୍ରୀ କିରିଜିଜ୍‌ସ୍ତାନ ଗସ୍ତ କରିଛନ୍ତି ।

## ବାଲ ପୁରସ୍କାର ନୋମିନେସନ

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ୨୦୨୬ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି । ଜୁଲାଇ ମାସ ୩୧ ତାରିଖ ସୁଦ୍ଧା ୫ ବର୍ଷରୁ ୧୮ ବର୍ଷ ବୟସର କିଶୋର କିଶୋରୀମାନେ ଏଥିପାଇଁ ଆବେଦନ କରିପାରିବେ । ରାଷ୍ଟ୍ରପତିଙ୍କ ଦ୍ୱାରା ଦିଆଯାଉଥିବା ଏହି ସମ୍ମାନଜନକ ଜାତୀୟ ସ୍ତରର

ପୁରସ୍କାର ପ୍ରତ୍ୟେକ ବର୍ଷ ଦେଶରେ ଥିବା ପ୍ରତିଭାବାନ ଶିଶୁମାନଙ୍କୁ ପ୍ରଦାନ କରାଯାଇଥାଏ । ସାହସିକତା, ସମାଜସେବା, ପରିବେଶ, କ୍ରୀଡ଼ା, କଳା ଏବଂ ସଂସ୍କୃତି ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପାରଦର୍ଶିତା ଥିବା ଶିଶୁମାନଙ୍କୁ ଏହି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇ ଆସୁଛି । ଜୁଲାଇ ୩୧ ତାରିଖ ସୁଦ୍ଧା ଇଚ୍ଛୁକ କିଶୋର କିଶୋରୀମାନେ **national award portal**, **www.awards.gov.in** ରେ ଆବେଦନ କରିପାରିବେ ।

## ଇଡି ରେଡ୍-ପଞ୍ଜାବ

ପଞ୍ଜାବରେ ଚଣ୍ଡୀଗଡ଼, ଲୁଧିଆନା, ପଟିଆଲା, ନଭା ଏବଂ ଜଳନ୍ଧର ସମେତ ୧୧ଟି ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ-ଇଡି ଚଢ଼ାଉ କରୁଛି । ପଞ୍ଜାବର ପୂର୍ବତନ ପୋଲିସ୍ ଡିଆଇଜି ହରଚରଣ ସିଂ ଭୁଲାରଙ୍କ ସହ ଜଡ଼ିତ ଅର୍ଥ ଠକେଇ ମାମଲାରେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି । ଏକ ଅପରାଧିକ ମାମଲାରେ ବେନିୟମ ଭାବେ ଅର୍ଥ ଆଦାୟ ମାମଲାରେ ଇଡି ପକ୍ଷରୁ ଚଢ଼ାଉ କରାଯାଉଛି ।

## ବିଜେପି-ଆମ୍ ରାଜ୍ୟସଭା ଏମ୍‌ପି

ରାଜ୍ୟସଭାରେ ବିଜେପି ସଦସ୍ୟ ସଂଖ୍ୟା ୧୧୩କୁ ବୃଦ୍ଧି ପାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ସୂଚନା ଦେଇଛନ୍ତି, ରାଜ୍ୟସଭାରେ ଆମ୍ ଆଦମୀ ପାର୍ଟିର ୭ ଜଣ ସାଂସଦ ବିଜେପିରେ ସାମିଲ ହେବା ନେଇ ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ସ୍ୱୀକୃତି ପ୍ରଦାନ କରିଛନ୍ତି । ରାଘବ ଚଢ଼ା, ଡକ୍ଟର ଅଶୋକ କୁମାର ମିତ୍ତଲ, ସନ୍ଦୀପ ପାଠକ, ସ୍ୱାତୀ ମାଲିୱାଲ ଏବଂ ହରଭଜନ ସିଂ ପ୍ରମୁଖ ସାଂସଦ ଏଥିରେ ସାମିଲ ଅଛନ୍ତି । ଏହି ୭ ଜଣ ସାଂସଦ

ବିଜେପିରେ ଯୋଗଦେବା ପରେ ରାଜ୍ୟସଭାରେ ଆମ୍ ଆଦମୀ ପାର୍ଟିର ସଦସ୍ୟ ସଂଖ୍ୟା ୩କୁ ହ୍ରାସ ପାଇଛି । ଶ୍ରୀ ରିଜିଜୁ ସାଂସଦମାନଙ୍କୁ ସ୍ୱାଗତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ନିଜର ଅବଦାନ ରଖିବେ ବୋଲି କହିଛନ୍ତି ।

## ବାଂଲାଦେଶ-ଲାଇଟିଂ

ବାଂଲାଦେଶରେ କାଳବୈଶାଖୀ ସମୟରେ ବଜ୍ରପାତରେ ୧୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ୭ଟି ଜିଲ୍ଲାରେ ବଜ୍ରପାତ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି । ପ୍ରାୟ ଏକସପ୍ତାହ ଧରି ସେଠାକାର ବିଭିନ୍ନ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ବଜ୍ରପାତରେ ଗାଇବନ୍ଧା  ଅଞ୍ଚଳରେ ସର୍ବାଧିକ ୫ ଜଣଙ୍କର ମୃତ୍ୟୁ ଘଟିଛି । ସେଠାକାର ପ୍ରଶାସନିକ ସୂଚନା ଅନୁଯାୟୀ ବଜ୍ରପାତରେ ଗୃହପାଳିତ ପଶୁଙ୍କର ମଧ୍ୟ ମୃତ୍ୟୁ ହୋଇଛି । ଢାକା ସମେତ ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି ମିଳିଛି । ବାଂଲାଦେଶ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଆଗାମୀ କିଛିଦିନ ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି ।

## ୱେଦର୍

ଭାରତୀୟ ପାଣିପାଗ ବିଭାଗ ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ପ୍ରଦେଶରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ଅନ୍ୟପକ୍ଷରେ ଦିଲ୍ଲୀରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ସୂଚନା ମିଳିଛି । ଆଜିର ଦିନ ତାପମାତ୍ରା ଦିଲ୍ଲୀରେ ୪୪ ଡିଗ୍ରୀ ଅତିକ୍ରମ କରିବା ନେଇ ପୂର୍ବାନୁମାନ କରାଯାଇଛି । ସେହିପରି ହରିଆଣା, ଚଣ୍ଡୀଗଡ଼,

ମଧ୍ୟପ୍ରଦେଶ, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ଚଣ୍ଡୀଗଡ଼, ଗୁଜରାଟ ଏବଂ ବିଦର୍ଭ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଜଣାପଡ଼ିଛି । ବିଶେଷକରି ଦିଲ୍ଲୀ ସମେତ ଅନ୍ୟ କେତେକ ଅଞ୍ଚଳରେ ରାତି ସମୟରେ ଗୁଳୁଗୁଳି ଅନୁଭୂତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଗୁଳୁଗୁଳି ଅନୁଭୂତ ହେବା ନେଇ ପୂର୍ବାନୁମାନ କରାଯାଇଛି ।

# ଏନ୍‌ପିଟି କନଫରେନ୍ସ

ପରମାଣୁ ଅସ୍ତ୍ର ନିରୋଧ ଚୁକ୍ତିରେ ସାମିଲ ପକ୍ଷମାନଙ୍କର ସମୀକ୍ଷା ସମ୍ମିଳନୀ ଆଜି ନ୍ୟୁୟର୍କରେ ଆରମ୍ଭ ହେବ। ଜାତିସଂଘ ଦ୍ୱାରା ଆୟୋଜିତ ହେବାକୁ ଥିବା ସମ୍ମିଳନୀରେ ରାଷ୍ଟ୍ରପକ୍ଷଗୁଡ଼ିକ ପରମାଣୁ ନିରସ୍ତ୍ରିକରଣ, ପ୍ରସାର ନ କରିବା ଏବଂ ଏହାର ଶାନ୍ତିପୂର୍ଣ୍ଣ ବ୍ୟବହାର ଉପରେ ଆଲୋଚନା କରିବେ। ପ୍ରାୟ ୪ ସପ୍ତାହ ଧରି ଆଲୋଚନା ଜାରି ରହିବ। ବିଶ୍ୱର ଅନେକ କ୍ଷେତ୍ରରେ ଦେଶ ଦେଶ ମଧ୍ୟରେ ସଂଘର୍ଷ ଓ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ପରମାଣୁ ଅସ୍ତ୍ରର ବ୍ୟବହାର ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ସେହି ସମୟରେ ପରମାଣୁ ନିରୋଧୀ ଚୁକ୍ତିରେ ସାମିଲ ଦେଶଗୁଡ଼ିକର ଏକାଦଶ ସମୀକ୍ଷା ସମ୍ମିଳନୀକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

ପରମାଣୁ ନିରସ୍ତ୍ରୀକରଣ ପାଇଁ ଜାତିସଂଘର ପ୍ରତିନିଧି ଇଜୁମି ନାକାମିସୁ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ପରମାଣୁ ଅସ୍ତ୍ରର ଯେଭଳି ଦୂରୁପଯୋଗ ନ ହେବ ସେ ନେଇ ଗଭୀର ଆଲୋଚନା କରାଯିବ।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ ଆଜି ସନ୍ଧ୍ୟା ୭ଟା ୩୦ରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏପର୍ଯ୍ୟନ୍ତ ଅନୁଷ୍ଠିତ ମ୍ୟାଚ୍‌ରେ ଟେବୁଲ୍ ତାଲିକାରେ ୧୩ ପଏଣ୍ଟ ସହ ପଞ୍ଜାବ କିଙ୍ଗ୍‌ସ ଶୀର୍ଷରେ ରହିଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ୧୦ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଗୁଜୁରାଟ ଟାଇଟନ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ବିଜୟୀ ହୋଇଥିଲେ ।